To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଦିଲ୍ଲୀରେ ଭୂକମ୍ପ ଝଟ୍‌କା ଅନୁଭୂତ

R.N.I. No.-42041/83 Vol-16, Issue No.75, ଭଦ୍ରକ, ସୋମବାର, ୧୦, ସେପ୍ଟେମ୍ବର ୨୦୧୮ ■ Bhadrak, Monday, 10 September 2018 Rs. 2.00 Pages-8

ଆଜି ଗଡ଼ିବନି ଚକ ଅଖ

ଭାରତ ବନ୍ଦରେ ସାମିଲ ହେବନି ବିଜେଡି

- ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା କଡାକଡି
- ଅତ୍ୟାବଶ୍ୟକ ସେବାକୁ ବାଦ୍ ଦିଆଯିବ
- ବନ୍ଦ ରହିବ ସ୍କୁଲ
- ସାଢେ ୯ଟା ସୁଦ୍ଧା ଅଫିସରେ ପହଞ୍ଚିବାକୁ ନିର୍ଦ୍ଦେଶ
- ବିଧାନସଭାକୁ ଯିବେନି କଂଗ୍ରେସ ବିଧାୟକ

ଫାଇଲ୍ ଫଟୋ

ଭୁବନେଶ୍ୱର,୯।୯ (ସକାଳ ଖବର): କେନ୍ଦ୍ର ସରକାର କଠୋର ଟିକସ ଲାଗୁ କରିବା ଦ୍ୱାରା ପେଟ୍ରୋଲ , ଡିଜେଲ ଓ ଇନ୍ଧନ ଗ୍ୟାସର ମୂଲ୍ୟ ଆକାଶଛୁଆଁ ହୋଇଛି। ଏହାର ପ୍ରତିବାଦରେ ଆସନ୍ତାକାଲି କଂଗ୍ରେସ ଦଳ ପକ୍ଷରୁ ଦେଶବ୍ୟାପୀ ଭାରତ ବନ୍ଦ ଡାକରା ଦିଆଯାଇଛି। ଓଡିଶାରେ ଏହାକୁ ସଫଳ କରିବାପାଇଁ ରାଜ୍ୟ କଂଗ୍ରେସ ପକ୍ଷରୁ ସକାଳ ୬ ଟାରୁ ଅପରାହ୍ନ୩ ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ। ଏଥିରେ ବହୁ ରାଜନୈତିକ ଦଳ ସାମିଲ ହେବେ ବୋଲି ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ଦଳକୁ ଟାର୍ଗେଟ୍ କରି ସେ କହିଛନ୍ତି ଯେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଗତ ୭ ତାରିଖରୁ ତିନିଦିନିଆ ଆନ୍ଦୋଳନ ଚଳାଇଛନ୍ତି। ଏହା ବିଜେଡିର ସାଙ୍କେତିକ ଆନ୍ଦୋଳନ। ଯଦି ରାଜ୍ୟବାସୀଙ୍କ ପାଇଁ ନବୀନଙ୍କର ଦରଦ ରହିଛି ତେବେ ଶୁକ୍ରବାର ଭଳି ଆସନ୍ତାକାଲି ମଧ୍ୟ ବିଧାନସଭାକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ରଖନ୍ତୁ ବୋଲି ପିସିସି ସଭାପତି ଆହ୍ୱାନ ଦେଇଛନ୍ତି। କଂଗ୍ରେସ ଦଳର ବିଧାୟକ ମାନେ ବିଧାନସଭା ଯିବେନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଏହି ବନ୍ଦରେ ବିଜେଡି ସାମିଲ ହେବନାହିଁ ବୋଲି ଆଜି ଦଳ ପକ୍ଷରୁ ସୂଚନା ଦିଆଯାଇଛି । ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ବିଜେଡି ବିରୋଧ କରୁଥିଲେ ହେଁ ଏହି ପ୍ରସଙ୍ଗକୁ ନେଇ ଆସନ୍ତାକାଲି କଂଗ୍ରେସ ପକ୍ଷରୁ କରାଯାଉଥିବା ଭାରତ ବନ୍ଦ ଆନ୍ଦୋଳନରେ ଦଳ ସାମିଲ ହେବ ନାହିଁ। କଂଗ୍ରେସର ବନ୍ଦକୁ ଆମେ ସମର୍ଥନ କରୁନାହୁଁ ବୋଲି ବିଜେଡିର ମୁଖପାତ୍ର ସମୀର ରଂଜନ ଦାଶ ପ୍ରକାଶ କରିଛନ୍ତି। ଭାରତବନ୍ଦ ପରିପ୍ରେକ୍ଷୀରେ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି। ଏସମ୍ପର୍କରେ ସୂଚନା ଦେଇ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି ଯେ ବିଧାନସଭା ଚାଲିଥିବାରୁ ବିଧାୟକ ଓ ମନ୍ତ୍ରୀ ମାନଙ୍କୁ ଅଧିକ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ୍ ମୁତୟନ କରାଯାଇଛି। ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଭୁବନେଶ୍ୱରରେ ୨୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ରହିବେ ବୋଲି ଡିସିପି ସୂଚନା ଦେଇଛନ୍ତି।

ସେହିପରି ବିଧାନସଭା ଗୃହକୁ ବନ୍ଦ କରିବା ପାଇଁ ପିସିସି ସଭାପତି ନିରଂଜନ ପଟ୍ଟନାୟକ ଯେଉଁ ଦାବି କରିଛନ୍ତି ତାହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ ଏସମ୍ପର୍କରେ ବାଚସ୍ପତି ନିଷ୍ପତି ନେବେ। ଏ ନିଷ୍ପତି ସରକାରଙ୍କର ନୁହେଁ। ତେବେ ଏହି ପ୍ରସଙ୍ଗ ନେଇ ବିଜେଡିର ଯେଉଁ ଆନ୍ଦୋଳନ ଚାଲିଛି ତାହା ଚାଲିବ ବୋଲି ସେ କହିଛନ୍ତି । ରବିବାର ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଲେ ଯେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଦେଶରେ ଅଚ୍ଛେଦିନ୍ ଆଣିବେ ବୋଲି କହିଥିଲେ। ମାତ୍ର ତାର ଓଲଟା ଲୋକଙ୍କୁ ଶୋଷଣ କରାଯାଉଛି। ପେଟ୍ରୋଲ , ଡିଜେଲ ଉପରେ ଟିକସ ଲଗାଇ ୫୨ ମାସ ମଧ୍ୟରେ ୧୧ ଲକ୍ଷ କୋଟି ଟଙ୍କା ଲୋକଙ୍କ ଠାରୁ ଲୁଟ୍ କରିନେଇଛନ୍ତି। ନିର୍ବାଚନ ପୂର୍ବରୁ ବିଜେପିର ସ୍ଲୋଗାନ ଏବେ ସାଧାରଣ ଲୋକଙ୍କ ପାଇଁ ପରିହାସ ପାଲଟିଛି। କେବଳ ସେତିକି ନୁହେଁ ମଧ୍ୟମ ଓ ସାଧାରଣ ବର୍ଗର ଲୋକ ,ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀ ଏହାର ମାତ୍ରାଧିକ ବୋଝ ବହନ କରିଛନ୍ତି। ୨୦୧୪ - ୧୬ରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା୧୦୭.୯ ଡଲାର ରହିଥିବା ବେଳେ ବର୍ତମାନ ଏହା ୭୩ ଡଲାର ରହିଛି। ଯାହା ୟୁପିଏ ସରକାର ସମୟରେ ଥିବା ମୂଲ୍ୟର ୪୦ ପ୍ରତିଶତ। ସେତେବେଳେ ପେଟ୍ରୋଲ ଦର ୭୧.୪୧ ଟଙ୍କା ଓ ଡିଜେଲ ଦର ୫୫.୪୯ଟଙ୍କ ଥିଲା। ଏବେ ପେଟ୍ରୋଲ ଦର ୭୯.୫୧ରେ **(ପୃଷ୍ଠା-୭)**

ପୁରୀରେ ଚାଞ୍ଚଲ୍ୟ

ଚିକିତ୍ସାଳୟ ପଛପଟୁ ୭ ମଣିଷ ଖପୁରୀ ଜବତ

ଗୁଣି ଗାରେଡି ସନ୍ଦେହ

ପୁରୀ, ୯।୯ (ସକାଳ ଖବର): ଷ୍ଟେସନ ରୋଡସ୍ଥ କମଳାଦେବୀ ମାତୃମଙ୍ଗଳ ଚିକିତ୍ସାଳୟ ପଛପଟୁ ଅଖାରେ ବନ୍ଧା ଅବସ୍ଥାରେ ୭ଟି ମଣିଷ ମୁଣ୍ଡ ଖପୁରି ମିଳିବା ଘଟଣାକୁ ନେଇ ସହରରେ ଚାଂଚଲ୍ୟ ଖେଳିଯାଇଛି । ସମୁଦ୍ର କୂଳ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିଛି। ତେବେ ଖପୁରି ଗୁଡିକ କେଉଁଠି ଆସିଲା, କିଏ ଆଣିଲା ଏବଂ କାହିଁକି ଏଠାରେ ପକାଇଲା, ପକାଇବାର ରହସ୍ୟ କଣ ଏ ନେଇ ପୋଲିସ ଅନୁସନ୍ଧାନ ଅରମ୍ଭ କରିଛି। କୌଣସି ଯୁବକ ଅଂଚଳବାସୀଙ୍କୁ ଭୟଭିତ କରିବା ଉଦ୍ଦେଶ୍ୟରେ ଏହି ଖପୁରି ପକାଇଥିବା କିମ୍ବା କୌଣସି ତାନ୍ତ୍ରୀକ ତନ୍ତ୍ର ସାଧନ ପାଇଁ ଏହି ଖପୁରି ଆଣି ଲୁଚାଇ ରଖି ମଧ ରାତ୍ରରେ ତନ୍ତ୍ର ସାଧନ କରୁଥିବା ନେଇ ସନ୍ଦେହ ପ୍ରକାଶ ପାଇଛି । ପୋଲିସ ଘଟଣାକୁ ଗୁରୁତର ସହ ବିଚାର କରି ଖପୁରି ଗୁଡିକ ଜବତ କରିବା ସହ କଟକ ଫରେନସିକ ଲାବୋରେଟାରୀକୁ ପଠାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

ମାଲଗାଡି ଲାଇନଚ୍ୟୁତ

ଜୟପୁର,୯।୯ (ସକାଳ ଖବର): କୋରାପୁଟ ଜିଲା ଦାମନଯୋଡି ରେଳ ଷ୍ଟେସନ ନିକଟରେ ୫ଟି ବଗି ଲାଇନଚ୍ୟୁତ ହୋଇଛି । ୧୫ଟି ବଗି ନାଲକୋରୁ ବାହାରି ବିଶାଖାପାଟଣା ଯାଉଥିବା ବେଳେ କୋରାପୁଟ-ରାୟଗଡା ରେଳ ଲାଇନର ଦାମନଯୋଡି ରେଳ ଷ୍ଟେସନ ନିକଟରେ ଲାଇନଚ୍ୟୁତ ହୋଇଛି । ଫଳରେ କୋରାପୁଟ-ରାଉରକେଲା ବାତିଲ ହୋଇଥିବା ବେଳେ ସମଲେଶ୍ୱରୀ ଟ୍ରେନ ଲକ୍ଷ୍ମୀପୁରରେ ଅଟକିଛି । ହିରାଖଣ୍ଡ ଏକ୍ସପ୍ରେସ ଟ୍ରେନର ଦିଗ ପରିବର୍ତନ ହୋଇ ରାୟଗଡା ପରିବର୍ତେ ଆରକୁ-କୋଟାବାଲସା ହୋଇ ବିଜୟନଗରମରୁ ଭୁବନେଶ୍ୱର ଯିବ । ସମ୍ବଲପୁର - କୋରାପୁଟ ଟ୍ରେନ ରାୟଗଡାରୁ ଫେରିବ ବୋଲି ସୂଚନା ମିଳିଛି। ଘଟଣା ସ୍ଥଳରେ ଓ୍ୱିକ୍ଲି ଡେ ରିଲିଫ ଟ୍ରେନ ପହଂଚି ଉଦ୍ଧାର କାର୍ଯ୍ୟ ଜାରି ରହିଛି । **(ପୃଷ୍ଠା-୭)**

ରକ୍ତମୁଖା ଭାଲୁ

୧୦ ଗୁରୁତର

ନୂଆପଡ଼ା, ୯।୯ (ସକାଳ ଖବର): ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ କରଙ୍ଗାମାଳ ଗ୍ରାମରେ ରବିବାର ଏକ ଜଙ୍ଗଲୀ ଭାଲୁ ଆକ୍ରମଣରେ ଗ୍ରାମର ୧୦ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ମତେ କରଙ୍ଗାମାଳ ଗ୍ରାମ ନିକଟକୁ ଲାଗି ଏକ ଜଙ୍ଗଲ ରହିଥିବାବେଳେ ରବିବାର ସକାଳ ୯.୩୦ ସମୟରେ ଗ୍ରାମର ମଙ୍ଗଲୁ ମାଝୀ ନାମକ ବ୍ୟକ୍ତି ନିଜ ଜମିକୁ ଯାଉଥିବାବେଳେ ଜଙ୍ଗଲୀ ଭାଲୁଟି ହଠାତ ଆକ୍ରମଣ କରିଥିଲା। ମଙ୍ଗଲୁ ଚିତ୍କାର କରିବାରୁ ଆଖପାଖ ଲୋକେ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଡ଼ିଆଳସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଛି। ପରେ ଗ୍ରାମକୁ ପଶି ଗ୍ରାମର ରାଧାକାନ୍ତ ବାଗଙ୍କୁ ଆକ୍ରମଣ କରିଥିଲା। ଫଳରେ ଗୁରୁତର ଅବସ୍ଥାରେ ରାଧାକାନ୍ତଙ୍କୁ ମଧ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଛି। ଭାଲୁ ଗ୍ରାମରେ ଲୁଚି ଗ୍ରାମର କମଳ ଲୋଚନ ମାଝୀ, ପଦ୍ମନ ମାଝୀ, ଅକାଲୁ ମାଝୀ, ପ୍ରବିତା ମାଜୀ, ହେରମ୍ବ ମାଝୀ, ନିଲାମ୍ବର ହଂସ, ଉତମ ଭୋଇ, ନରହରି ରଣାଙ୍କୁ ମଧ ଆକ୍ରମଣ କରିଥିବା ସୂଚନା ମିଳିଛି। ଖବର ପାଇ ବନବିଭାଗର ଭୁବନେଶ୍ୱର ମିଶ୍ର, ସତ୍ୟବାନ ପୁରୋହିତ ଓ ଅନ୍ୟାନ୍ୟ କର୍ମଚାରୀ ପହଂଚି ଭାଲୁଙ୍କୁ ଖୋଜାଖୋଜି କରୁଥିବା ଜଣାପଡ଼ିଛି।

ତିନି ମିଲିସିଆ ସଦସ୍ୟ ଗିରଫ

ଜୟପୁର, ୯।୯ (ସକାଳ ଖବର): କୋରାପୁଟ ଜିଲ୍ଲା ମାଛକୁଣ୍ଡ ବିଏସଏଫ ପକ୍ଷରୁ ଆଜି ସର୍ଚ୍ଚ ଅପରେସନ ବେଳେ ଜଣେ ହାର୍ଡ଼କୋର ମାଓବାଦୀ ସମେତ ଅନ୍ୟ ତିନି ଜଣ ମିଲିସିଆ ସଦସ୍ୟଙ୍କୁ ଗିରଫ କରାଯାଇଛି । ଗିରଫ ହାର୍ଡ଼କୋର ମାଓବାଦୀର ନାମ ରାମ ପାଙ୍ଗି । ୨୨ ବର୍ଷିୟ ରାମ ପାଙ୍ଗିର ଘର ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଚେଲପଦର ଗ୍ରାମରେ ବୋଲି ଜଣାପଡିଛି । ତା ନାମରେ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା ।

ଟିଟୋ ଲିଙ୍କରେ ଯୁବ ବ୍ୟବସାୟୀ ଗିରଫ

ଭୁବନେଶ୍ୱର, ୯।୯ (ସକାଳ ଖବର): ଗ୍ୟାଙ୍ଗଷ୍ଟାର ସୟଦ ଉସମାନ ଅଲ୍ଲି ଓରଫ ଟିଟୋ ଲିଙ୍କରେ ରବିବାର ପୂର୍ବାହ୍ନରେ ଜଗତସିଂହପୁରରେ କ୍ରାଇମବ୍ରାଂଚର ସ୍ପେଶାଲ ଟାସ୍କ ଫୋର୍ସ ଟିମ ଯୁବ ବ୍ୟବସାୟୀଙ୍କ ଘରେ ଚଢାଉ କରିଛି। ପ୍ରଥମେ ତାଙ୍କୁ ଅଟକ ରଖାଯାଇଥିବା ବେଳେ ପରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । ସ୍ଥାନୀୟ ସଦର ଥାନା ସିଟି ଅନ୍ତର୍ଗତ ମୁକୁନ୍ଦପୁରର ଦୀପ୍ତି ଦାଶଙ୍କ ଘରେ ଏସଟିଏଫ ଟିମ୍ ଚଢାଉ କରି ସେଠାରୁ ଗୋଟିଏ ପିସ୍ତଲ, ୧୨ ରାଉଣ୍ଡ ଗୁଳି ଓ କିଛି ଟଙ୍କା ଜବତ କରିଛି। ଏହା ବ୍ୟତୀତ ବ୍ୟାଙ୍କ୍ ପାସ୍ ବୁକ୍ ଓ କିଛି ଜିର ପଟ୍ଟା ମଧ୍ୟ ଜବତ କରାଯାଇଛି। ଟିଟୋର କଳାକାରନାମା ସହ ସମ୍ପୃକ୍ତ ଦିପ୍ତୀଙ୍କର **(ପୃଷ୍ଠା-୭)**



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।

ହୁଣ୍ଡିର ଆୟ (୨୫.୮.୧୮)
୨,୪୨,୪୧୪

ବିଜେପି ପାଇଁ କିଛି ବି ଚାଲେଞ୍ଜ ନାହିଁ

୨୦୧୯ରେ ବିଜେପିର ନାରା

ଅଜୟ ଭାରତ, ଅଟଳ ବିଜେପି

ନୂଆଦିଲ୍ଲୀ, ୯।୯ : ଆସନ୍ତାବର୍ଷ ହେବାକୁ ଥିବା ଲୋକସଭା ନିର୍ବାଚନ ଉପରେ ଟିପ୍ପଣୀ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଅଜୟ ଭାରତ, ଅଟଳ ବିଜେପିର ନାରା ଦେବା ସହ ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ପାଇଁ କିଛି ବି ଚାଲେଞ୍ଜ ନଥିବା ପ୍ରକାଶ କରିଛନ୍ତି । କାରଣ ଦଳ କ୍ଷମତା ପାଇଁ ଆସନକୁ ଅଗ୍ରାଧିକାର ଦେଇନାହିଁ ବରଂ କ୍ଷମତାକୁ ଜନତାଙ୍କ ମଧରେ କାମ କରିବାର ଉପକରଣ ଭାବେ ଧରିନେଇଛି । କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ବୋଧନକୁ ଉଦ୍ଧୃତ କରି ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି ଯେ ପ୍ରଧାନମନ୍ତ୍ରୀ କହିଛନ୍ତି କି ଗୁଜୁରାଟରେ ବିଜେପି ଗତ ଦୁଇଦଶକ ଧରି **(ପୃଷ୍ଠା-୭)**

ସରକାରୀ ମେଡ଼ିକାଲ କଲେଜରେ ୨୧୧୮ ପଦବୀ ଖାଲି

ଭୁବନେଶ୍ୱର, ୯।୯ (ସକାଳ ଖବର): ଓଡ଼ିଶାରେ ଥିବା ସରକାରୀ ମେଡ଼ିକାଲ କଲେଜଗୁଡ଼ିକରେ ବିଭିନ୍ନ ପାହ୍ୟାରେ ୨୧୦୦ରୁ ଅଧିକ ପଦପଦବୀ ଖାଲିପଡ଼ିଛି। ଏଥିରୁ ଡାକ୍ତରୀ ଶିକ୍ଷକ ପଦବୀ ପ୍ରାୟ ୬୦୦। ବିଧାୟକ ଦିଲିପ ରାୟଙ୍କ ଏକ ପ୍ରଶ୍ନର ଉତରରେ ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ରାଜ୍ୟରେ ବର୍ତମାନ ୭ଟି ସରକାରୀ ମେଡ଼ିକାଲ କଲେଜ, ଗୋଟିଏ ଡେଂଟାଲ କଲେଜ ଓ ୪ଟି ହୋମିଓପାଥିକ କଲେଜ ଓ ୩ଟି ଆୟୁର୍ବେଦିକ କଲେଜ ରହିଛି। ଏହି ସରକାରୀ ସଂସ୍ଥାଗୁଡ଼ିକରେ ୧୫୨୩ଟି ଅଣଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ୫୯୫ ଶିକ୍ଷକ ପଦବୀ ଫାଙ୍କା ଥିବା ସରକାରଙ୍କ ପ୍ରଦତ ହିସାବରେ ଉଲ୍ଲେଖ ଅଛି।

୭ଟି ସରକାରୀ ମେଡ଼ିକାଲ କଲେଜ ମଧ୍ୟରୁ ବୁର୍ଲାସ୍ଥିତ ଭୀମ୍‌ସାରରେ ସର୍ବାଧିକ ୧୪୯ଟି ଡାକ୍ତର ଶିକ୍ଷକ ପଦବୀ ଗତ ମଇ ମାସ ସୁଦ୍ଧା ଖାଲି ପଡ଼ିଥିଲା। ଏଠାରେ ଉଲ୍ଲେଖନୀୟ ଯେ ଏହି ମେଡ଼ିକାଲ କଲେଜ ଲାଗି ୨୫୦ଟି ମଞ୍ଜୁରୀପ୍ରାପ୍ତ ଡାକ୍ତରୀ ଶିକ୍ଷକ ପଦବୀ ଥିବା ବେଳେ ସେଠାରେ ମାତ୍ର ୧୦୧ ଜଣଙ୍କୁ ନେଇ କାମ ଚାଲିଛି। କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ୯୭ଟି ଓ ବ୍ରହ୍ମପୁରର ଏମ୍‌କେସିଜି ମେଡ଼ିକାଲ କଲେଜରେ ୬୫ଟି ଡାକ୍ତରୀ ଶିକ୍ଷକ ପଦବୀ ଖାଲି। ଏହାଛଡ଼ା ବାରିପଦାର ପିଆର୍‌ଏମ୍ ଓ କୋରାପୁଟର ଏସ୍‌ଏଲ୍‌ଏନ୍ ମେଡ଼ିକାଲ କଲେଜ ହସ୍ପିଟାଲରେ ୧୨ଟି କରି ଡାକ୍ତରୀ ଶିକ୍ଷକ ପଦବୀ ଖାଲି। ସଦ୍ୟ ଉନ୍ନୋଚିତ ହୋଇଥିବା ବାଲେଶ୍ୱରର ଫକୀର ମୋହନ ମେଡ଼ିକାଲ କଲେଜ ହସ୍ପିଟାଲରେ ୨୨ଟି ଓ ବଲାଙ୍ଗୀରର ଭୀମଭୋଇ ମେଡ଼ିକାଲ କଲେଜ ହସ୍ପିଟାଲରେ ୨୮ଟି ଡାକ୍ତରୀ ଶିକ୍ଷକ ପଦବୀ ମଧ ଖାଲିଅଛି।

ବାଲେଶ୍ୱରର ଫକୀରମୋହନ ମେଡ଼ିକାଲ କଲେଜ ହସ୍ପିଟାଲରେ ସର୍ବାଧିକ ୩୩୧ଟି ଓ ବଲାଙ୍ଗୀରର ଭୀମଭୋଇ ମେଡ଼ିକାଲ କଲେଜ ହସ୍ପିଟାଲରେ ୩୧୯ଟି ଅଣଡାକ୍ତରୀ ପଦବୀ ଖାଲିପଡ଼ିଛି। ବାରିପଦା ମେଡ଼ିକାଲ କଲେଜ ହସ୍ପିଟାଲରେ ୧୭୯ ଓ କୋରାପୁଟ ମେଡ଼ିକାଲ କଲେଜ ହସ୍ପିଟାଲରେ ୧୪୯ଟି ଅଣଶିକ୍ଷକ ପଦବୀ ମଧ ଖାଲି। ଏସ୍‌ସିବି ମେଡ଼ିକାଲ କଲେଜରେ ୧୩୮ଟି ଅଣଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଏମ୍‌କେସିଜିରେ ଏହି ସଂଖ୍ୟା ୯୮ ଓ ଭୀମ୍‌ସାରରେ ୮୨ ଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ମୋଟାମୋଟି ଭାବେ ଏହି ୭ଟି ମେଡ଼ିକାଲ କଲେଜ ହସ୍ପିଟାଲରେ ୩୯୫ଟି ଡାକ୍ତରୀ ଶିକ୍ଷକ ଓ ୧୨୯୬ଟି ଅଣଶିକ୍ଷକ ପଦବୀ ଖାଲି ଅଛି। ଏସ୍‌ସିବିରେ ଥିବା ଏକମାତ୍ର ସରକାରୀ ଡେଂଟାଲ କଲେଜ **(ପୃଷ୍ଠା-୭)**

୨ ବର୍ଷରେ ୩୬୦ ଆତଙ୍କୀ ନିପାତ

ନୂଆଦିଲ୍ଲୀ,୯।୯ : କାଶ୍ମୀର ଘାଟିରେ ସୁରକ୍ଷାବଳଙ୍କ ଗୋଟିଏ ପରେ ଗୋଟିଏ ଅଭିଯାନ ପରେ କମୁଛି ଆତଙ୍କବାଦୀଙ୍କ ଆୟୁଷ । ସୁରକ୍ଷା ବଳଙ୍କ ଏହି ଅଭିଯାନରେ ଗତ ଦୁଇ ବର୍ଷରୁ କମ ସମୟରେ ୩୬୦ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଛନ୍ତି । ଏହି ସୂଚନା କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳର ନିର୍ଦ୍ଦେଶକ ଜେନେରାଲ ରାଜୀବ ରାୟ ଭଟନାଗର ଏକ ସାକ୍ଷାତକାର ଅବସରରେ କହିଛନ୍ତି । ଘାଟିରେ ଆତଙ୍କୀ ସଂଗଠନରେ ସାମିଲ ହେଉଥିବା ସ୍ଥାନୀୟ ଯୁବ ବର୍ଗଙ୍କ ବଢୁଥିବା ସଂଖ୍ୟା କଣ ଚିନ୍ତାର ବିଷୟ । ଏହି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ଆତଙ୍କବାଦୀଙ୍କ ଆୟୁଷ ବହୁତ କମ । ସେମାନେ ଅଧିକ ଦିନ ବଞ୍ଚିବେ ନାହିଁ । ସେମାନଙ୍କର ସଂଖ୍ୟା ଅଧିକ ହୋଇପାରେ ମାତ୍ର ତାର ପରିମାଣ ସୀମିତ ଅଟେ । ଭଟନାଗର କହିଛନ୍ତି ଯେ ତଥ୍ୟରୁ ଜଣା ପଡୁଛି ଯେ ଘାଟିରେ ଆତଙ୍କୀ ସଂଗଠନରେ ସାମିଲ ହେଉଥିବା ଯୁବକଙ୍କ ସଂଖ୍ୟା ବୃଦ୍ଧି ଘଟୁଛି ମାତ୍ର ସୁରକ୍ଷାବଳ ଯୁବ ବର୍ଗଙ୍କ ପାଖକୁ ପହଞ୍ଚିବା ପାଇଁ ଯଥା ସମ୍ଭବ ପଦକ୍ଷେପ ଉଠାଉଛନ୍ତି । ଫଳରେ ସେମାନଙ୍କୁ ଅସ୍ତ୍ର ଶସ୍ତ୍ର ଉଠାଇବା ଉପରେ ରୋକା ଯାଇ ପାରିବ । ସେ କହିଛନ୍ତି ଯେ ଜାମ୍ମୁ ଓ କାଶ୍ମୀରର ଆତଙ୍କବାଦୀଙ୍କ ମଧ୍ୟରେ କିଛି ବାହାରର ଯୁବକ ସାମିଲ ହୋଇଛନ୍ତି ଏବଂ କିଛି ସ୍ଥାନୀୟ ଯୁବକ ଭ୍ରମିତ ହୋଇ ସଂଗଠନରେ ସାମିଲ ହୋଇଛନ୍ତି ।

Àÿæ fê¯ÿ Sæ¤ÿ Üÿ†ÿ¿æLÿæÀÿêZÿ þNÿ LÿÀÿ¯ÿæLÿ FAæBFxÿFþ{LÿÀÿ Àÿæ f¿¨æÀÿZÿ Ó¨æÀÿÉ

{`ÿŸæB, 9>9 : †ÿæþàÿ œÿæxÿÀÿ Aàÿ BƒA¢ AŸ¢ 'ÿþLÿ þ { œ ÿ † ÿ LÿxÿSþ(FAæBFxÿFþ{Lÿ) ÓÀÿLÿæÀÿ ¨¯ÿ†ÿœÿ ¨™æœÿþ¦ê Àÿæ fê¯ÿ Sæ¤ÿê Üÿ†ÿ¿æLÿæÀÿêZÿ þNÿ LÿÀÿ¯ÿæ ¨æB Àÿæ f¿¨æÀÿ àÿæàÿ ¨{Àÿæ‡ÿ†ÿZÿ Ó¨æÀÿÉ LÿÀÿ¯ÿæLÿ œÿÑ^ÿ {œÿBd › Àÿæ f¿ ÓÀÿLÿæÀÿZÿ œÿÑ^ÿ þ†ÿæ¯ÿLÿ ÓþÖ 7f~ {'ÿæ Ìê Zÿ þNÿ LÿÀÿ¯ÿæ ¨æB Àÿæ f¿¨æÀÿZÿvÿæ{Àÿ Ó¨æÀÿÉ LÿÀÿæ¾ÿ› D{àÿQ{¾æS¿ {Lÿ¢ ÓÀÿLÿæÀÿ Àÿæ fê¯ÿ Sæ¤ÿê Üÿ†ÿ¿æLÿæÀÿêZÿ þNÿ LÿÀÿ¯ÿæ ¨æB Aæ{¯ÿ'ÿœÿLÿ¯ÿæ Àÿæ f¿¨æÀÿZÿvÿæ{Àÿ Ó¨æÀÿÉ Lÿ{Àÿ ¯ÿ{¯ÿæ› ¨æB Aæ¾ÿ {Lÿ¢ ÓÀÿLÿæÀÿ Àÿæ fê¯ÿ Sæ¤ÿê Üÿ†ÿ¿æLÿæÀÿêZÿ þNÿ LÿÀÿ¯ÿæ ¨æB ¨Üÿmÿ ...

'ÿä~ Ó'ÿæœÿ{Àÿ Aæf FLÿ þþ;ÿ'ÿ ¯ÿþæœÿ 'ÿWs~æ Wsd› Aæ¯ÿÉ¿Lÿ vÿæÀÿ A™Lÿ ¾æ†ÿê {œÿB ¾æD$¯ÿæ FLÿ ¯ÿ¿æ¯ÿÓæßLÿ ¯ÿþæœÿ FLÿ Üÿ'ÿ{Àÿ QÓ¨Ÿ'ÿæÀÿ {Ó${Àÿ ¾æD$¯ÿæ 21f~ ¾æ†ÿêZÿÀÿ þ†ÿ¿ {ÜÿB¾æBd›

Ó™Àÿæœÿ ¯ÿœÿ¿æ ×†ÿ

Aæ†ÿZÿ{Àÿ 8 ¨oæß†ÿ ¯ÿæÓê

µÿ'ÿLÿ/†ÿÜÿxÿ, 9>9 (ÓLÿæÀÿ Q¯ÿÀÿ): µÿ'ÿLÿ fâæ †ÿÜÿxÿ ¯ÿLÿÀÿ œÿ¿æ ¨Àÿ×† Ó™Àÿæ œÿ{Àÿ ™Àÿæ D¨Àÿ þƒ{Àÿ ...

D¨{µÿæNÿæZÿ àÿæµÿ ¨æB þœÿæÜÿæ{QæÀÿê {ÀÿæLÿ¯ÿæÀÿ D¨æß

Àÿæ Îêß þœÿæÜÿæ{QæÀÿê-{Àÿæ™ê ¨æ™LÿÀÿ~

'ÿæÀÿæ FLÿ œÿ†ÿœÿ

{Üÿàÿâàÿæ Bœÿ œÿºÀÿ

011-21400643

Àÿ ÉµÿæÀÿ»

fFÓs ¨Àÿ Ì'ÿ 'ÿæÀÿæ LÿÀÿæ¾ÿæB$¯ÿæ Ó¨æÀÿÉÀÿ Aæ™æÀÿ{Àÿ ÓÀÿLÿæÀÿ 100Àÿ A™Lÿ ¯ÿÖ D¨{Àÿ 27.07.2018Àÿ fFÓsÀÿ 'ÿÀÿ{Àÿ Lÿþ LÿÀÿ{'ÿBd;ÿ› ¾æÜÿæÀÿ ¯ÿ¿Àÿ~ ßAæÀÿFÀÿ goo.gl/9kTw7Y{Àÿ D¨àÿ² Àÿÿd›

fFÓs

'ÿÀÿ{Àÿ Lÿþ

fFÓs Aœÿ¾æßê 'ÿ¿ F¯ÿó {Ó¯ÿæ ¨'ÿæÀÿ D¨{µÿæNÿæZÿ ... D¨{µÿæNÿæ Lÿþ þèš{Àÿ ...

www.naa.gov.in{Àÿ Aœÿ{àÿÓ Aµÿ{¾æS LÿÀÿ¨æ{Àÿ

secretary.naa@gov.in A$¯ÿæ **sc.antiprofiteering@gov.in**{Àÿ B{þàÿ ¨vÿæB¨æ{Àÿ

Aµÿ{¾æSLÿ œÿàÿQ vÿLÿ~æ{Àÿ ¨vÿæB¨æÀÿ -

- Àÿæ Îêß þœÿæÜÿæ{QæÀÿê-{Àÿæ™ê ... 6Î þÜÿàÿæ, sæHæÀÿ Hæœÿ, fꯟÿœÿ µÿæÀÿ†ÿê, LÿÝs {¨Ó, œÿAæ'ÿàÿê-110001
- Îæfó Lÿþs, þœÿæÜÿæ{QæÀÿê þÜÿæœÿ{'ÿÉæÁß ... œÿAæ'ÿàÿê-110001
- Àÿæ f¿ Óþœÿ Lÿþs: - Ó¸Lÿ ¯ÿ¯ÿÀÿ~ ßAæÀÿFÀÿ **goo.gl/PSNqEQ**{Àÿ {'ÿQ¨æÀÿ{¯ÿ›

FœÿFÀÿ {Üÿàÿàÿæ Bœÿ œÿºÀÿ: 011-21400643 þœÿæÜÿæ{QæÀÿêZÿ Aµÿ{¾æS ¨qLÿÀÿ~ Óº¤{Àÿ ... {Óæþ¯ÿæÀÿÜÿ {ÉœÿÙÿ 09:30Àÿ A¨Àÿæüÿ 01:00 F¯ÿó A¨Àÿæüÿ 01:30Àÿ A¨Àÿæüÿ 06:00 ¨¾ÿ;ÿ Óþ¯ÿ Lÿ¾ÿ Ó{Àÿ D¨àÿ² Àÿÿd›

'ÿ¯ÿ¿ F¯ÿó {Ó¯ÿæ LÿÀÿ - µÿæàÿ, ÓÀÿÁ A{s›

{LÿÜÿæß A¨†ÿ¿ä LÿÀÿ F¯ÿó Óêþæ ÉÌ {¯ÿæxÿ F¯ÿó
Àÿæ f¿/{Lÿ¢ÉæÓ†ÿ AoÁÀÿ ¯ÿæ~ f¿Lÿ LÿÀÿ ¯ÿµÿæS

xÿæNÿÀÿZÿ LÿÁÀÿ {Àÿæ Sê þ†ÿ¿ Aµÿ{¾æS

{þZæœÿæÁ, 9>9 (ÓLÿæÀÿ Q¯ÿÀÿ): {þZæœÿæÁ fâæ þQ¿ ...

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com
Editor - Amit Kumar Mallick
Óó¨æ'ÿLÿ : Aþ†ÿ Lÿþæ Àÿ þàÿâLÿ